# Akashvani, Sambalpur

## SAMBALPURI NEWS BULLETIN

### 3 May 2024- 6.47- 6.52 am.

**********************************************

୩ ଲୋକ୍‌ସଭା ନିର୍ବାଚନ୍-ନାମାଙ୍କନ୍     ପ୍ରେସ୍ ରିଲିଜ୍

ରାଏଜେ ୨ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ ଆଏଜ୍ ଶେଷ୍ ଦିନ୍ ଆଏ । ଇ ଖେପ୍‌ଥି ବର୍‌ଗଡ୍, ସୁନ୍ଦର୍‌ଗଡ୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ନ ଆଏବା ୨୦ ତାରିଖ୍ ଦିନ ଭୋଟ୍ ହେବା । ଗଲାକାଏଲ୍‌ତକ୍ ଇ ୫ ଟା ସଂସଦୀୟ କ୍ଷେତ୍ର ଲାଗି ୩୫ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସେନ୍ତା ଇ ସଂସଦୀୟ କ୍ଷେତ୍ର ଅଧୀନ୍‌ଥି ଥିବା ୩୫ ଟା ବିଧାନ୍‌ସଭା ଆସନ୍ ଲାଗି ୨ ଶହ ୧୧ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ ।

ଇତାର୍‌ସହେତେ ୩ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍ ଲାଗି ଆଏବା ୬ ତାରିଖ୍ ଦିନ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ଦିନ୍ ଆଏ । ଇ ଖେପ୍‌ଥି ସମ୍ବଲପୁର୍, କେନ୍ଦୁଝର୍, ଢେଙ୍କାନାଳ, କଟକ୍, ପୁରୀ ଆର୍ ଭୁବ୍‌ନେଶ୍ୱର୍ ସଂସଦୀୟ କ୍ଷେତ୍ର ଲାଗି ୨୫

ତାରିଖ୍ ଦିନ ଭୋଟ୍ ହେବା । ଇ ୬ ଟା ସଂସଦୀୟ କ୍ଷେତ୍ର ଲାଗି ଗଲାକାଏଲ୍‌ତକ୍ ୧୧ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସେନ୍ତା ଇ ସଂସଦୀୟ କ୍ଷେତ୍ର ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ୯୦ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଥିବାର୍ ରାଜ୍ୟ  ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟନୁ ସୂଚ୍‌ନା ମିଲିଛେ ।

ରାଜନୈତିକ ଦଲ୍- ନିର୍ବାଚନ୍ କମିଶନଙ୍କର୍ ନିର୍ଦ୍ଦେଶ୍

ଆର୍‌ଏନ୍‌ୟୁ /  ସମ୍ବଲପୁର

ନିର୍ବାଚନ୍ ଉତାରୁ ଭିନ୍ ଭିନ୍ ଯୋଜ୍‌ନାର୍ ଲାଭ୍ ପାଏବାର୍‌କେ ହିତାଧିକାରୀ ବାଛ୍‌ବାର୍ ଲାଗି ଭିନ୍ ଭିନ୍ ବିଜ୍ଞାପନ୍, ସର୍ଭେ ଆର୍ ମୋବାଇଲ୍ ଆପ୍ ଜରିଆଥି ଭୋଟର୍‌ମାନ୍‌କର୍ ପଞ୍ଜିକରଣ୍ ବନ୍ଦ୍ କର୍‌ବାର୍‌କେ ନିର୍ବାଚନ୍ କମିଶନ୍ ସବୁ ରାଜନୈତିକ୍ ଦଲ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଭିନ୍ ଭିନ୍ ଯୋଜ୍‌ନାଥି ସାମିଲ୍ କର୍‌ବାର୍ ଲାଗି ରାଜନୈତିକ୍ ଦଲ୍‌ମାନେ ଭୋଟର୍‌ମାନ୍‌କର୍ ବିବରଣୀ ମାଗ୍‌ବାର୍ ଘଟ୍‌ନାକେ ନିର୍ବାଚନ୍ କମିଶନ୍ ନାପସନ୍ଦ୍ କରିକରି ଇ ବାବ୍‌ଦେ ଗୁଟେ ନୂଆଁ ମାର୍ଗଦର୍ଶିକା ଜାରି କରିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ଓଡ଼ିଶା ଗସ୍ତ		ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୬ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଗସ୍ତ ସମିଆଥି ଶ୍ରୀ ମୋଦୀ ୨ ଟା ନିର୍ବାଚନ୍ ସଭାଥି ଯୋଗ୍ ଦେବେ । ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଇ ବାବ୍‌ଦେ ସୂଚ୍‌ନା ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ସେଦିନର୍ ସଖାଲର୍ ୧୦ ବଜେ ବ୍ରହ୍ମପୁର୍ ନ ଗୁଟେ ସାଧାରଣ୍ ସଭାଥି ଯୋଗ୍ ଦେବାର୍ ଉତାରୁ ନବରଙ୍ଗ୍‌ପୁର୍ ଠାନେ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେବେ ।

ରାହୁଲ୍ ଗାନ୍ଧୀ- ଓଡ଼ିଶା		ଆର୍‌ଏନ୍‌ୟୁ /  ସମ୍ବଲପୁର

କଂଗ୍ରେସ୍‌ର ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ନିର୍ବାଚନୀ ପ୍ରଚାର୍ ଲାଗି ଆଏଜ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ସମିଆଥି ସେ ରାୟଗଡ଼ା ବାଇପାସ୍ ରୋଡ୍‌ର ବାରିଝୋଲା ପଡ଼ିଆ ନ ଗୁଟେ ସଭାଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସ୍ୱାସ୍ଥ୍ୟ ସଚିବ-ଅଂଶୁଘାତ ମୁକାବିଲା ଆର୍‌ଏନ୍‌ୟୁ / ସମ୍ବଲପୁର

ନିର୍ବାଚନ୍ ସମିଆଥି ଅଂଶୁଘାତ୍‌ର ମୁକାବିଲା ଲାଗି ସେକ୍ଟର୍ ଅଫିସର୍‌ମାନ୍‌କର୍ ସାଙ୍ଗେ ଝନେ ପାରା ମେଡ଼ିକାଲ୍ କର୍ମଚାରୀଙ୍କୁ ରଖିବାର୍‌କେ ସ୍ୱାସ୍ଥ୍ୟ ସଚିବ ଶାଲିନୀ ପଣ୍ଡିତ୍ ନିର୍ଦ୍ଦେଶ୍ ଦେଇଛନ୍ । ଇ ବାବ୍‌ଦେ ସେ  ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ । ସେକ୍ଟର୍ ଅଫିସର୍‌ଙ୍କର୍ ଗାଡ଼ିଥି ଦରକାରୀ ଉଷୋ ମହଜୁଦ୍ ରଖିବାର୍ ସଙ୍ଗେ ଫି ବ୍ଲକ୍ ଆଉ କ୍ଲଷ୍ଟର୍ ନ ମୋବାଇଲ୍ ହେଲ୍‌ଥ୍ ୟୁନିଟ୍ ରହେବା ବଲି ଚିଠିଥି କହିଛନ୍ ।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍ । ଗଣତନ୍ତ୍ର ରାଷ୍ଟ୍ର ନ ସମ୍ବାଦପତ୍ରର ସ୍ୱାଧୀନତାକେ ବଜାୟ ରଖିବାର୍ ଲାଗି ମିଲିତ୍ ଜାତିସଂଘର୍ ୟୁନେସ୍କୋ ସଂସ୍ଥା ତର୍‌ଫୁ ୧୯୯୩ ମସିହାନୁ ଫି ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ । ନିର୍ଭୀକ ସାମ୍ବାଦିକତା ଲାଗି କଲମ୍ବିଆ ଦେଶର୍ ସାମ୍ବାଦିକ ଗିଲିଏର୍‌ମୋ ଙ୍କୁ ତାଁକର୍ ଖବର୍‌କାଗଜ୍ କାର୍ଯ୍ୟାଲୟ ନ ଅସାମାଜିକ ଲୋକ୍ ମାନେ

ମାରିଦେଇଥିଲେ । ତାଁକୁ ମନେ ପକେଇକରି ୟୁନେସ୍କୋ ତର୍ଫୁ ପ୍ରେସ୍ ସ୍ୱାଧୀନତା ଲାଗି ଭଲ୍ କାମ୍ କରିଥିବା ଲୋକ୍ ଆର୍ ସଂସ୍ଥାକେ - ଗିଲିଏର୍‌ମୋ ପୁରସ୍କାର୍ ଦିଆଯାଉଛେ । ଚଲ୍‌ତି ବଛର୍‌ର ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ୍‌ର ବାର୍ତା ହେଉଛେ 'ଗ୍ରହ ପାଇଁ ପ୍ରେସ୍- ପରିବେଶ୍ ସଂକଟ ସାମ୍ନାରେ ସାମ୍ବାଦିକତା' ।

ୟୁଜି ଏଡ୍‌ମିଟ୍‌କାର୍ଡ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ୫ ତାରିଖ୍ ଦିନ ହେବାର୍‌କେ ଥିବା ନିଟ୍ ୟୁଜି ପରୀକ୍ଷାର ଏଡ୍‌ମିଟ୍‌କାର୍ଡ୍ ଆଏଜ୍‌ଠାନୁ ୱେବ୍‌ସାଇଟ୍‌ଥି ମିଲ୍‌ବା । ପରୀକ୍ଷାର୍ଥୀମାନେ ନିଜର୍ ଆପ୍ଲିକେସନ୍ ନମ୍ବର୍, ଜନ୍ମ ତାରିଖ୍ ଦେଇକରି ଏଡ୍‌ମିଟ୍ କାର୍ଡ୍ ଡାଉନ୍‌ଲୋଡ୍ କରିପାର୍‌ବେ ବଲି ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି ତର୍ଫୁ ସୂଚ୍‌ନା ଦିଆଯାଇଛେ । ଏନ୍‌ଟିଏର ସୂଚ୍‌ନା ଅନ୍‌ସାରେ ଦେଶେ ୨୪ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଇ ବାବଦ୍ ସବୁ ସୂଚ୍‌ନା ଏନ୍‌ଟିଏ ୱେବ୍‌ସାଇଟ୍ www.nta.ac.in ଥି ମିଲିପାର୍‌ବା ।

ଆର୍ଥିକ ଅନଗ୍ରସର ପିଲା- ଘରୋଇ ସ୍କୁଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ଘରୋଇ ସ୍କୁଲ୍ ମାନ୍‌କେ ଆର୍ଥିକ୍ ଅନଗ୍ରସର୍ ଶ୍ରେଣୀର୍ ପିଲାମାନ୍‌କୁ ମାହାଲିଆ ଶିକ୍ଷା ଲାଗି ୩ ନମ୍ବର୍ ଖେପ୍ ନାଁଲେଖା ମୁଲ୍ ହେଇଛେ । ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ୍‌ଥି ଆଏବା ୮ ତାରିଖ୍‌ତକ୍ ପଞ୍ଜିକରଣ୍ କରାଯାଇପାର୍‌ବା । ବ୍ଲକ୍ ଶିକ୍ଷା ଅଧିକାରୀ ୧୨ ତାରିଖ୍‌ତକ୍ ଏପ୍ଲିକେସନ୍ ଯାଂଚ୍ କର୍‌ବେ । ୧୩ ତାରିଖ୍ ଦିନ ୩ ନମ୍ବର୍ ଖେପ୍ ଅନ୍‌ଲାଇନ୍ ଲଟ୍‌ରୀ କରାଯିବା । ବଛାଯାଇଥିବା ଛାତ୍ରଛାତ୍ରୀମାନେ ଆଏବା ୧୪ ତାରିଖ୍‌ନୁ ୩୧ ତାରିଖ୍ ଭିତ୍‌ରେ ସେମାନ୍‌କୁ ଦିଆଯାଇଥିବା ସ୍କୁଲ୍ ମାନ୍‌କେ ନାଁ ଲେଖେଇପାର୍‌ବେ । ସେନ୍ତା ପହେଲା ଆଉ ଦୁଇ ନମ୍ବର୍ ଖେପ୍ ନାଁଲେଖା ଆଏବା ୧୫ ତାରିଖ୍‌ତକ୍ ଘୁଁଚେଇ ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଗଲା ୨ ହପ୍ତା ହେଲା ଜବର୍ ତାତି ରହିଥିବାର୍ ବେଲେ ଆଏବା ୬ ତାରିଖ୍‌ନୁ ଜବର୍ ଖରା ଆର୍ ତାତି ନୁ ଆଶ୍ୱସ୍ତ ମିଲ୍‌ବା ବଲି ପାଣିପାଗ୍ ବିଶେଷଜ୍ଞମାନେ ଅନୁମାନ୍ କରିଛନ୍ । ହେଲେ ଆଏବା ୩ ଦିନ୍‌ତକ୍ ଦିନର୍ ତାତି ଖାସ୍ ନାଇଁ ବଦ୍‌ଲେ । ଇତାର୍

ଉତ୍ତରୁ ୩ ନୁ ୪ ଡିଗ୍ରୀ ତାତି କମ୍‌ବା ବଲି ଆଂଚଲିକ୍ ପାଣିପାଗ୍
ବିଜ୍ଞାନ୍ କେନ୍ଦ୍ରର୍ ବୈଜ୍ଞାନିକ ଉମାଶଙ୍କର୍ ଦାସ କହିଛନ୍ ।